ଏହା ସ୍ପଷ୍ଟ ସଡ଼କ ପଥରେ ଯବାନଙ୍କ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ହେବ ନାହିଁ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ପ୍ରସ୍ତୁତ ଅଛନ୍ତି। ଏହା ବ୍ୟତୀତ ସମାନ ସଂଖ୍ୟକ ଏକ ଗୋଷ୍ଠୀ ଅନୁପ୍ରବେଶ ପାଇଁ ସୀମାରେଖା ନିକଟ ନିୟନ୍ତ୍ରଣ

ମାତ୍ର' ବୋଲି ବାର୍ତ୍ତାରେ ଉଲ୍ଲେଖ ଥିବା ଗୁଇନ୍ଦା ଅଧିକାରୀମାନେ କହିଛନ୍ତି।

# ...ରେ ଅଗ୍ନିକାଣ୍ଡ: ୮୧ ମୃତ



...ଗୋଦାମ ରହିଥିବାବେଳେ ଏଠାରେ ...ଆଁ ଲାଗି ଆଖିପିଛୁଳାକେ ଏହା ଅନ୍ୟ ...ଗୁଡ଼ିକୁ ବ୍ୟାପି ଯାଇଥିଲା। ନିକଟରେ ...କମ୍ୟୁନିଟି ସେଣ୍ଟରରେ ମଧ୍ୟ ନିଆଁ ...ଥିଲା ବୋଲି ଅଗ୍ନିଶମ ବିଭାଗ କହିଛି। ...ର ଯୋଗେ ପାଣି ଛିଞ୍ଚି ନିଆଁ ଲିଭାଇବାକୁ ...ହାଇଥିଲା। ରାତି ପ୍ରାୟ ୩ଟା ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ନିଆଁ ଲିଭା ଯାଇଥିଲା। ଅଗ୍ନିକାଣ୍ଡରେ ରାସାୟନିକ ପଦାର୍ଥର ଏହି ଗୋଦାମ ସହିତ ନିକଟରେ ଥିବା ଅନ୍ୟ ଅଟ୍ଟାଳିକା ମଧ୍ୟ ସମ୍ପୂର୍ଣ୍ଣ ପୋଡି ଯାଇଛି। ଏଥିସହ ୨ଟି କାର ଓ ୧୦ଟି ରିକ୍ସା ଜଳିଯାଇଛି। ନିକଟସ୍ଥ ଏକ ରେଷ୍ଟୋରାଁରେ ଖାଉଥିବା କିଛି ଲୋକ ଏବଂ କେତେକ ବରଯାତ୍ରୀ ଏହି ଘଟଣାରେ ପ୍ରାଣ ହରାଇଛନ୍ତି। ଏକ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

କିଛି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଆହତମାନଙ୍କୁ ସମସ୍ତ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପୀଡ଼ିତଙ୍କ ପାଇଁ ୩୦ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି। ଏହି ଘଟଣାକୁ ନେଇ ଭାରତ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ଘଟଣାର ତଦନ୍ତ ନିମନ୍ତେ ଅଗ୍ନିଶମ ଓ ବେସାମରିକ ପ୍ରତିରକ୍ଷା ବିଭାଗ ପକ୍ଷରୁ ତିନି ଜଣିଆ ଏକ ଦଳ ଗଠନ କରାଯାଇଛି।

## ରାଫେଲ ବିବାଦ

# ପୁଣି ଶୁଣାଣି କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୧।୨: ପୁଣି ଚାଲିବ ରାଫେଲ ମାମଲାର ଶୁଣାଣି। ଏ ନେଇ ସର୍ବୋଚ୍ଚ ଅଦାଲତ ଗୁରୁବାର ରାଜି ହୋଇଛନ୍ତି। ରାଫେଲ ଦୁର୍ନୀତି ସମ୍ବନ୍ଧୀୟ ମାମଲାରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ପାଇଁ ହୋଇଥିବା ଆବେଦନ ଉପରେ ଶୁଣାଣି କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗଇଙ୍କ ପୀଠ ସମ୍ମତି ପ୍ରକାଶ କରିଛନ୍ତି। ଫ୍ରାନ୍ସଠାରୁ ୩୬ଟି ରାଫେଲ ବିମାନ କ୍ରୟ ପ୍ରକ୍ରିୟାକୁ ନେଇ କୌଣସି ସନ୍ଦେହ କରିବାର ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ରାୟ ଦେଇଥିଲେ। ଏଥିସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ସୌରୀ ଏବଂ ବରିଷ୍ଠ ଆଇନଜୀବୀଙ୍କ ପକ୍ଷରୁ ହୋଇଥିବା କେତେକ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ।

ଜଷ୍ଟିସ ଗୋଗଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏଲ. ଏନ୍. ରାଓ ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ପୀଠ ଗୁରୁବାର କହିଛନ୍ତି ରାଫେଲ ପ୍ରସଙ୍ଗରେ ଚାରୋଟି ଆବେଦନ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ଗୋଟିଏ କେତେକ ତ୍ରୁଟି କାରଣରୁ ରେଜିଷ୍ଟ୍ରାରଙ୍କ ନିକଟରେ ପଡିରହିଛି। ଏହି ପରିପ୍ରେକ୍ଷୀରେ ଆଇନଜୀବୀ ଭୂଷଣ କହିଛନ୍ତି ଆମ ଆଦମୀ ପାର୍ଟି ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂହଙ୍କ ଦ୍ୱାରା ଦାଖଲ ଆବେଦନରେ ତ୍ରୁଟି ରହିଛି; କିନ୍ତୁ ଅନ୍ୟ ସମସ୍ତ ଆବେଦନ ତ୍ରୁଟିଶୂନ୍ୟ। ଏହି ଆବେଦନ ଉପରେ ଜରୁରୀକାଳୀନ ଭିତ୍ତିରେ ଶୁଣାଣି କରିବାକୁ ସେ ନିବେଦନ କରିଥିଲେ। ଏହା ଉପରେ ପୀଠ କହିଛନ୍ତି ସମୀକ୍ଷା ଆବେଦନଗୁଡ଼ିକର ଶୁଣାଣି ଲାଗି ବିଚାରପତିମାନଙ୍କୁ ପରିବର୍ତ୍ତନ କରିବାକୁ ହେବ। ତଥାପି ପୀଠ କିଛି ନା କିଛି ପଦକ୍ଷେପ ଗ୍ରହଣ କରିବେ। ରାଫେଲ ମାମଲାରେ ଅଦାଲତଙ୍କୁ ମିଥ୍ୟା ତଥ୍ୟ ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କେତେକ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଏକ ଆବେଦନ ହୋଇଛି। ଭୂଷଣ, ସିହ୍ନା ଓ ସୌରୀ ସୋମବାର ଏକ ଆବେଦନ କରିଥିଲେ। ଗତମାସରେ ସେମାନେ ପୂର୍ବ ରାୟର ସମୀକ୍ଷା ଆବେଦନ ମଧ୍ୟ ଦାଖଲ କରିଥିଲେ। ରାଫେଲ କାରବାର ଦୁର୍ନୀତିମୁକ୍ତ ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜଉମୁଦ ରିପୋର୍ଟ ଆଧାରରେ ରାୟ ଦେଇଥିଲେ। ସରକାର କୋର୍ଟକୁ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି ବୋଲି ରାୟ ପ୍ରକାଶ ପରେ ପବ୍ଲିକ ଡୋମେନରେ ପ୍ରକାଶ ପାଇଥିବା ସମୀକ୍ଷା ଆବେଦନରେ ଦର୍ଶାଯାଇଛି।

## ...ଝାମଣା ଚୂଡ଼ାନ୍ତ

# ...ଏଲଡ଼ିକୁ ୩

...ଶିକ୍ଷ

...ବହୁଜନ ...ଖିଳେଶ ...(ଏସପି) ...ହୋଇଛି। ...ଚନରେ ପ୍ରାର୍ଥୀ ଦେବ। କଂଗ୍ରେସର ଗଡ ଭାବେ ପରିଚିତ ଆମେଥି ଓ ରାୟ ବରେଲୀରେ ପ୍ରାର୍ଥୀ ନ ଦେବା ଲାଗି ମାୟାବତୀ ଓ ଅଖିଳେଶ ଘୋଷଣା କରିଛନ୍ତି। ଏହି ଆସନ ବୁଝାମଣା ପରେ ଉତ୍ତରପ୍ରଦେଶ ଲୋକସଭା ନିର୍ବାଚନରେ ତିନିଟି ପକ୍ଷ ମଧ୍ୟରେ ଲଢେଇ ହେବ। କଂଗ୍ରେସ ରାଜ୍ୟର ସମସ୍ତ ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଥିବା ବେଳେ ବିଜେପି ମଧ୍ୟ ସବୁ ଆସନରେ ପ୍ରାର୍ଥୀ ଦେବାର ସମ୍ଭାବନା ରହିଛି। ମାୟାବତୀ ଓ ଅଖିଳେଶଙ୍କ ଏହି ଆସନ ବୁଝାମଣାକୁ ମୁଲାୟମ ସିଂହ ଯାଦବ ସମାଲୋଚନା କରିଛନ୍ତି। ମୁଲାୟମ କହିଛନ୍ତି ଏହି ବୁଝାମଣା ଏସପିର ସୁଯୋଗ ହ୍ରାସ କରିବ।

### ...ମଣ୍ଟକୁ ନେଇ ...ମଙ୍କ ଅସନ୍ତୋଷ

...ଝାମଣା ...କସଭା ...୩୭ଟି ...ସନରେ ...ସିଂହଙ୍କ ...ଏଲଡି)

# ମହାରାଷ୍ଟ୍ରରେ ଦୁଇ କାଶ୍ମୀରୀ ଛାତ୍ରଙ୍କୁ ମାଡ଼

ନାଗପୁର,୨୧।୨: ମହାରାଷ୍ଟ୍ରର ଯାବତମାଲ ଅଞ୍ଚଳରେ ଏକ ମହାବିଦ୍ୟାଳୟରେ ପାଠ ପଢୁଥିବା ଦୁଇଜଣ କାଶ୍ମୀରୀ ଛାତ୍ରଙ୍କୁ କେତେକ ଯୁବକ ମାଡ ମାରିଛନ୍ତି। ବୁଧବାର ରାତିରେ ଯୁବକମାନେ ଛାତ୍ର ଦୁଇଜଣଙ୍କୁ ମାଡ ମାରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ କହିବାକୁ ବାଧ୍ୟ କରିଥିଲେ। ମାଡ ଖାଇଥିବା ଦୁଇ ଛାତ୍ର ହେଲେ ଉମର ରସିଦ ଓ ମାଜିଦ ଓୱେସୀ। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ପୁଲୱାମା ଆକ୍ରମଣ ପରେ ଦେଶର ଅନ୍ୟ କେତେକ ରାଜ୍ୟରେ ମଧ୍ୟ କାଶ୍ମୀର ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ହୋଇଥିବା ଜଣାଯାଇଛି।


**INFORMATION**

**From NWAC, USA, Regional Office in India**

NWAC Regional Office informs & cautions all Parents/ Students/University Officials (and everyone concerned) regarding suspicious activities of many consultants misguiding everyone and issuing fake certificates of NWAC. All students from Odisha must enroll in NWAC through Authorised school **TIMES SCHOLARS GURUKUL** ONLY.

Admissions of students from any other institution/ consultant except **TIMES SCHOLARS GURUKUL** will NOT be accepted.

By the order of Chief Communication Officer, Northwest Accreditation Commission, USA, Regional Off...